# ବାଲେଶ୍ୱର ପୌରପାଳିକା ,ବାଲେଶ୍ୱର

## ବିଜ୍ଞାପନ

ସଂଖ୍ୟା 2576 / ତା 06/04/23 ରିଖ

ଏତଦ ଦ୍ୱାରା ବାଲେଶ୍ୱର ପୌରାଞ୍ଚଳର ସମସ୍ତ ୱାର୍ଡର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ ) ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୱାର୍ଡ ନଂ -୧୩ ସ୍ଥିତ ପରିଷଦର ଗୋଳାପୋଖରୀର ପୁନରଉଦ୍ଧାର କାର୍ଯ୍ୟ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଅମୃତ ଯୋଜନାରେ କାର୍ଯ୍ୟ କରାଯିବ । ସେଥିପାଇଁ ଆଗ୍ରହୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ ) ମାନଙ୍କ ଠାରୁ ଉକ୍ତ କାର୍ଯ୍ୟ କରିବା ପାଇଁ ଆବେଦନ ପତ୍ର ଏବଂ ବୈଠକ ନିର୍ଦ୍ଧାରଣର ନକଲ ସହିତ ସମ୍ପୃକ୍ତ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ବିବରଣୀ ଓ ସେମାନଙ୍କର ମୋବାଇଲ ନମ୍ବର ଇତ୍ୟାଦି ଉଲ୍ଲେଖ କରି ବନ୍ଦ ଲଫାପାରେ Rejuvenation of water body ଲେଖି ଆସନ୍ତା ତା ୧୭.୦୪.୨୦୨୩ ରିଖ ଅପରାହ୍ନ ଘ. ୫.୦୦ ଟା ସମୟ ସୁଦ୍ଧା ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟରେ ଚିଠି ପତ୍ର ଆଦାନ ପ୍ରଦାନ ବିଭାଗରେ ଦାଖଲ କରିବା ହେବେ ନଚେତ ସମୟ ଅତିକ୍ରମ ପରେ ସେମାନଙ୍କ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଓ ସେଥିପାଇଁ ପରିଷଦ କର୍ତୃପକ୍ଷ ଦାୟୀ ରହିବେ ନାହିଁ ଏବଂ ତା. ୧୮.୦୪.୨୦୨୩ ରିଖ ଘ. ୧୧ ଟା ସମୟରେ ଆବେଦନ ଫର୍ମ ଗୁଡିକର ଯାଞ୍ଚ କରାଯିବ । ଏଣୁ ଏହାର ସୁଯୋଗ ନେବା ପାଇଁ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ ) ମାନଙ୍କୁ ଅନୁରୋଧ କରାଗଲା ।

**ଆବେଦନ ପାଇଁ ମାପ ଦଣ୍ଡ**

୦୧. ତା .୧୭.୦୪.୨୦୨୩ ସୁଦ୍ଧା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ ) ତିନି ବର୍ଷ ପୂରଣ ହୋଇଥିବା ଆବଶ୍ୟକ ।

୦୨. ପଞ୍ଚ ସୂତ୍ରର ନିୟମ ପାଳନ ହୋଇଥିବା ଆବଶ୍ୟକ (ନିୟମ ବୈଠକ, ସଞ୍ଚୟ, ଋଣ ଆଦାନ ପ୍ରଦାନ, ଟଙ୍କା ଫେରସ୍ତ, ନଥି ପତ୍ର ଠିକ ଥିବ )

୦୩. ଯେ କୌଣସି ରୋଜଗାରରେ ନିୟୋଜିତ ହୋଇଥିବା ଆବଶ୍ୟକ । ୩ ବର୍ଷର ତଥ୍ୟ ଦେଖାଇବା ଆବଶ୍ୟକ ।

୦୪. ବାର୍ଷିକ ୦୨ ଲକ୍ଷ ଟଙ୍କା କାରବାର ହୋଇଥିବା ଆବଶ୍ୟକ ।

୦୫. ଆର୍ଥିକ ଅନିୟମିତତା ହୋଇନଥିବା ଆବଶ୍ୟକ ।

୦୬. ସମ୍ପୃକ୍ତ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ ) କୁ ଅଗ୍ରାଧିକାର ଦିଆଯିବ ଯଦି ସମ୍ପୃକ୍ତ ୱାର୍ଡ଼ର ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ )ଉପଲବ୍ଧ ନ ହୁଅନ୍ତି ତେବେ ଅନ୍ୟ ୱାର୍ଡ଼ର ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ଗୋଷ୍ଠୀ )କୁ ସୁଯୋଗ ଦିଆଯିବ ।

୦୭. କୌଣସି ଅସମାଜିକ ଆଇନ ବିରୁଦ୍ଧ ଓ ଅପରାଧ କାର୍ଯ୍ୟରେ ଜଡିତ ହୋଇ ନ ଥିବେ ।

୦୮. ପ୍ରଥମ ବୈଠକର ବିବରଣୀ ଓ ଶେଷ ବୈଠକର ବିବରଣୀ ନକଲ ସହିତ ବିଗତ ଏକ ବର୍ଷର ବୈଠକର ବିବରଣୀର ନକଲ ପ୍ରଦାନ କରିବେ ।

୦୯. ବ୍ୟାଙ୍କ ପାସ ବହି ଅପଡେଟର ନକଲ (୨୦୨୨-୨୩ ମସିହାର )

୧୦. କ୍ୟାସ୍ ବହିର ଏକ ବର୍ଷର ନକଲ ।

୧୧. ଆୟ ସୃଷ୍ଟି ନିମନ୍ତେ କରିଥିବା କାର୍ଯ୍ୟକଳାପର ତାଳିକା ।

୧୨. ସରକାରଙ୍କ ମୁକ୍ତା ଯୋଜନାରେ, ଆହାର ସେପ୍ଟେଜଟ୍ରିଟମେଣ୍ଟ ପ୍ଲାଣ୍ଟ, ଆଶ୍ରୟସ୍ଥଳୀ, ଅର୍ବାନ ହେଲଥ ସେଣ୍ଟର ଇତ୍ୟାଦିରେ କାର୍ଯ୍ୟ କରିଥିବାର ସହଭାଗିତାର ପ୍ରମାଣ ।

୧୩. ପାନ କାର୍ଡ୍‌ର ନକଲ ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌର ପରିଷଦ

ଜ୍ଞାପକ ସଂଖ୍ୟା 2577 ତା 06/04/23

ଏହାର ଏକକିତା ନକଲ ସ୍ପେଶାଲ ସେକ୍ରେଟାରୀ ତଥା ମିଶନ ଡ଼ାଇରେକ୍ଟର ଅମୃତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡ଼ିଶାଙ୍କ ଅବଗତି ନିମନ୍ତେ ପ୍ରେରିତ କରାଗଲା ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌର ପରିଷଦ

ଜ୍ଞାପକ ସଂଖ୍ୟା 2578 ତା 06/04/23

ଏହାର ଏକକିତା ନକଲ ଜିଲ୍ଲାପାଳ,ତଥା ଜିଲ୍ଲା ମାଜିଷ୍ଟ୍ରେଟ, ବାଲେଶ୍ୱର /ପ୍ରକଳ୍ପ ନିର୍ଦ୍ଦେଶକ,ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ବାଲେଶ୍ୱର ମହୋଦୟଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌର ପରିଷଦ

ଜ୍ଞାପକ ସଂଖ୍ୟା 2579 ତା 06/04/23

ଏହାର ଏକକିତା ନକଲ ଉପ –ଜିଲ୍ଲାପାଳ ,ବାଲେଶ୍ୱର ମହୋଦୟଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌର ପରିଷଦ

ଜ୍ଞାପକ ସଂଖ୍ୟା 2580 ତା 06/04/23

ଏହାର ଏକକିତା ନକଲ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସହରାଞ୍ଚଳ, ବାଲେଶ୍ୱରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌର ପରିଷଦ

ଜ୍ଞାପକ ସଂଖ୍ୟା 2581 ତା 06/04/23

ଏହାର ଏକକିତା ନକଲ ଅଧକ୍ଷା / ଉପାଧକ୍ଷ / ୱାର୍ଡ଼ ନଂ -୧୩ କାଉନସିଲର ବାଲେଶ୍ୱର ପୌରପାଳିକା ମହୋଦୟଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌର ପରିଷଦ

ଜ୍ଞାପକ ସଂଖ୍ୟା 2582 ତା 06/04/23

ଏହାର ଏକକିତା ନକଲ ପୌର ଯନ୍ତ୍ରୀ /କନିଷ୍ଠ ଯନ୍ତ୍ରୀ /କୋଷାଧକ୍ଷ /ପ୍ରତିଷ୍ଠା ବିଭାଗ /ବାଲେଶ୍ୱର ପୌରପାଳିକା ମହୋଦୟଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌର ପରିଷଦ

ଜ୍ଞାପକ ସଂଖ୍ୟା 2583 ତା 06/04/23

ଏହାର ଏକକିତା ନକଲ MIS ପୌରପାଳିକା ବାଲେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଉକ୍ତ EOI କୁ ବାଲେଶ୍ୱର NIC ରେ ଅପଲୋଡ କରିବାପାଇଁ ନିର୍ଦ୍ଦେଶ ଦିଆଗଲା ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌର ପରିଷଦ